
ISSN: 2456-9194, Vol. VIII, Issue. II, September 2024


ପ୍ରତ୍ୟୟ

(Journal of Odia Language, Culture and Science)

Peer-Reviewed Journal - Homepage: http://cphfs.in/research.php

# କୁଟିଆ କନ୍ଧ ଜନଜାତିଙ୍କର ଜୀବନ ଚର୍ଯ୍ୟା : ଏକ ଅଧ୍ୟୟନ


**ଦୟାସିଂ ମାଝୀ (ଗବେଷକ), ଡ. ରଶ୍ମିତା ତ୍ରିପାଠୀ (ଆସୋସିଏଟ୍ ପ୍ରଫେସର)**

କିସ୍ ମାନିତ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

Email: rasmita.tripathy@kiss.ac.in



**ସାରାଂଶ :** ସମଗ୍ର ଭାରତ ବର୍ଷରେ ଆଦିମ ତଥା ସଂଖ୍ୟା ଗଣିଷ୍ଠ ଆଦିବାସୀମାନଙ୍କ ମଧ୍ୟରେ କନ୍ଧ ହେଉଛନ୍ତି ସଂଖ୍ୟା ଗରିଷ୍ଠ ଆଦିବାସୀ ଗୋଷ୍ଠୀ । ଏମାନେ ଓଡ଼ିଶା, ବିହାର, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ମଧ୍ୟ ପ୍ରଦେଶ ଏବଂ ପଶ୍ଚିମ ବଙ୍ଗରେ ଅତ୍ୟଧିକ କନ୍ଧ ବସବାସ କରନ୍ତି । କନ୍ଧମାନେ ବିଶେଷତଃ ଓଡ଼ିଶାର କନ୍ଧମାଳ, କଳାହାଣ୍ଡି, ରାୟଗଡ଼ା ଓ କୋରାପୁଟ ଜିଲ୍ଲାର ବହୁଳ ପରିମାଣରେ ଦେଖାଯାନ୍ତି । ଏମାନେ ସାଧାରଣତଃ କୁଇ ଭାଷାରେ କଥାବାର୍ତ୍ତା ହୁଅନ୍ତି । ପ୍ରଥମ ପର୍ଯ୍ୟାୟରେ ଏମାନେ ପାହାଡ଼ ଜଙ୍ଗଲରେ ବସବାସ କରୁଥିଲେ ଏବଂ ଜଙ୍ଗଲ ଜାତ ଦ୍ରବ୍ୟ ଯଥା ଜଙ୍ଗଲ କନ୍ଦା କନ୍ଦମୂଳ ଓ ଫଳମୂଳ ଖାଉଥିଲେ । ବର୍ତ୍ତମାନ ସମତଳ ଅଞ୍ଚଳରେ ମଧ୍ୟ ସେମାନେ ବସବାସ କରୁଛନ୍ତି ତଥା କୃଷି କାର୍ଯ୍ୟରେ ମଧ୍ୟ ସାମିଲ ହେଲେଣି । କନ୍ଧମାନଙ୍କର ବସତି ଦୃଷ୍ଟିରୁ ବିଭିନ୍ନ ପ୍ରକାର ପରିଚିତ ହୋଇଥାନ୍ତି ଯଥା- ଉଚ୍ଚ ପାହାଡ଼ର କୁଟିଆ କନ୍ଧ, ଡଙ୍ଗର ଉପରେ ଡ଼ଙ୍ଗରିଆ କନ୍ଧ, ଝରଣା ତଟରେ ଝରନିଆ କନ୍ଧ, ବେସ୍କାକନ୍ଧ, ଖମାର ପାଖରେ ଖେମରିଆ କନ୍ଧ, ପାଙ୍ଗା ମାଟିରେ ପାଙ୍ଗା କନ୍ଧ, କଚ୍ଛାର ଜମିରେ କଛରିଆ କନ୍ଧ, ସମତଳ ଦେଶରେ ଦେଶିଆ କନ୍ଧ ଇତ୍ୟାଦି ।

ମୁଖ୍ୟତଃ କୁଟିଆ ଗୋଷ୍ଠୀ କନ୍ଧମାଳ ଜିଲ୍ଲାର ତୁମୁଡ଼ିବନ୍ଧ ପଞ୍ଚାୟତ ସମିତିର ଗୁମା, ବେଲଘର, ଝିରିପାଣି, ଲଙ୍କାଗଡ଼ ଓ ମୁଣ୍ଡିଗଡ଼ ଗ୍ରାମପଞ୍ଚାୟତ ତଥା କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ ଅଞ୍ଚଳରେ ବସବାସ କରିଥାନ୍ତି । ଏହି ପ୍ରବନ୍ଧରେ କୁଟିଆ କନ୍ଧ ଜନଜାତିଙ୍କର ଜୀବନଚର୍ଯ୍ୟା ବିଷୟରେ ଏକ ସଂକ୍ଷିପ୍ତ ଆଲୋଚନା କରାଯାଇଛି ।



ମୁଖ୍ୟ ଶବ୍ଦ: କୁଟିଆ କନ୍ଧ, ଜୀବନଚର୍ଯ୍ୟା, ସିଆଡ଼, ପିଟ୍ କନ୍ଦା, ରାନି କନ୍ଧ, ଗ୍ରାମ ସଭା, କାର୍ଗେଇ କନ୍ଦା ।


ଉଦ୍ଦେଶ୍ୟ:

୧. କୁଟିଆ କନ୍ଧମାନଙ୍କ ସମ୍ପର୍କରେ ଅବଗତ ହେବା ।

୨. କୁଟିଆ କନ୍ଧଙ୍କର ଜୀବନ ଶୈଳୀ ମାଧ୍ୟମରେ ତଥ୍ୟ ସଂଗ୍ରହ କରାଯାଇଛି ।

## ଶିକାର

ଆଦିମ କାଳରେ ଅନ୍ୟ ଅଞ୍ଚଳର ଆଦିମ ମଣିଷମାନଙ୍କ ପରି କୁଟିଆକାନ୍ଧମାନେ ମଧ୍ୟ ସିକରକୁ ହିଁ ନିଜ ଜୀବନଧାରଣ ମୂଳ ଉତ୍ସ ଭାବରେ ଗ୍ରହଣ କରିଥିଲେ । ଜହର ପାରମ୍ପରିକ ପ୍ରଯୋଗ ଏବେ ମଧ୍ୟ ଉତ୍ସବ ଭିତ୍ତିରେ ଦେଖିବାକୁ ମିଳେ । ଚଇତ ପରବ ସମୟରେ ଖେଦା ବା ଶିକାର ଯିବା, ବିବାହ ସମୟରେ ଦଳବହଲେନ କାଳରେ କନ୍ୟାର କାନ୍ଧ ଉପରେ ଧନୁଶର ରଖି ବର ସାମନାକୁ ସର ମାରିବା ଆଦି ପ୍ରକ୍ରିୟରୁ ଶିକାର କନ୍ଧମାନାଙ୍କର ଏକ ଗୁରୁତ୍ୱପୂର୍ଣ୍ଣ କ୍ରିୟାନୁଷ୍ଠାନ ଭଳି ମାନେହୁଏ । ଘଞ୍ଚ ଜଙ୍ଗଲ ଭିତରେ ବସବାସ କରୁଥିବା ଏହି ଆଦିବାସୀ ଗୋଷ୍ଠୀ ଧନୁ, ଶର, ଟାଙ୍ଗିଆ, ବର୍ଚ୍ଛା ଆଦିକୁ ଅସ୍ତ୍ର ଭାବରେ ବ୍ୟବହାର କରି ଶିକରେ କାର୍ଯ ତୁଲାଉଥିଲେ । କହିବ ବାହୁଲ୍ୟ କିଛି ଦଶନ୍ଧି ପୂର୍ବରୁ ମଧ୍ୟ ପ୍ରତିଦିନ ଶିକାର କରିବା ଏମାନଙ୍କର ଏକ ରୁଚି ଥିଲା । ବର୍ତ୍ତମାନ ଜଙ୍ଗଲର ଅବକ୍ଷୟ, ଜନ୍ତୁର ଅଭାବ ଏବଂ ସରକାରୀ କଟକଣା ହେତୁ ଶିକାର କାର୍ଯ ଶିଥିଳ ହୋଇଯାଇଛି କିନ୍ତୁ, ସେମାନଙ୍କର ଅସ୍ତ୍ର ଶସ୍ତ୍ର ଏବେ ବି ଟଙ୍କା ପାଖରେ ମହଜୁଦ ଅଛି ।

## ଖାଦ୍ୟପେୟ

କୁଟିଆ କନ୍ଧମାନଙ୍କର ଜୀବନଧାରଣ ଅନ୍ୟତମ ଉତ୍ସ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ । ଜଙ୍ଗଲରୁ ଆମ୍ବ, ଟାକୁଆ, କେନ୍ଦୁ, ଚାର, ଡିମିରି, ତେନ୍ତୁଳୀ,

ହରିଡା, ବାହାଡା, ଅଁଳା, ମହୁଲ, ଟୋଲ, ଜାମୁକୋଳି, ସିଆଡ, କରଗେଇକନ୍ଦା, ପିତାକନ୍ଦା, ପିତକନ୍ଦା, ମୁଣ୍ଡିକନ୍ଦା, ଲଙ୍ଗଳକନ୍ଦା, ସେମେଲ କନ୍ଦା, ଲାଠିକନ୍ଦା, ବାଞ୍ଜିଛତୁ, ବିନଛତୁ, ଭୋଦଛତୁ, ବାଏଲଛତୁ, ବୋଡାଛତୁ, ବେହେନଛତୁ, ଖୁଦଛତୁ, ପୁଆଲଛତୁ, ବହଲଶାଗ, ଗୁରୁଡି ଶାଗ, କରଡି, ଚାକୁଣା ଶାଗ, କଲେର ଶାଗ, କୁରେଇ ଶାଗ, କୁସୁମ,ଧାନ, ମଣ୍ଡିଆ, କୋସଲା ଆଦି ସଂଗ୍ରହକରି ଖାଦ୍ୟ ଭାବରେ ଗ୍ରହଣ କରନ୍ତି । ଏତଦବ୍ୟତୀତ କୃଷିକାର୍ଯ ମଧ କନ୍ଧମାଙ୍କର ଏକ ମୁଖ୍ୟ ଜୀବନଧାରଣ ପ୍ରଣାଳୀ । ଧାନ, କାନ୍ଦୁଲ, ମକା, ମାଣ୍ଡିଆ, ଗୁରୁଜୀ, କୋଶଲା, କଙ୍ଗୁ, ବିରି, କଟିଙ୍ଗ, ଝୁଡୁଙ୍ଗ, କୋଳଥ, ଅଲସୀ, ସୋରିଷ, ସିମ୍ବ, ଖେଡ଼ଜନ, କୟାଁ ଆଦି ଶସ୍ୟ ଓ ତୈଳବୀଜ, ଚାଷକରି ନିଜର ଖାଦ୍ୟ ସଂଗ୍ରହ କରନ୍ତି ।

କୁଟିଆକନ୍ଧ ବା କୁଇଲୋକ ସାଧାରଣତଃ ଭାତ, ଯାଉ, ବନ୍ୟ ଫଳ, ମୂଳ ଓ ବନ୍ୟା ଶାଗ ଖାଦ୍ୟ ରୂପେ ବ୍ୟାବହାର କରନ୍ତି । ଏହା ଛଡା ସୋରିଷ ଶାଗ ବୋଇତାଲୁ ପତ୍ର ବବ୍ୟାବହାର କରନ୍ତି । ଅଧିକନ୍ତୁ ଡାଲି ଜାତୀୟ ଖାଦ୍ୟ ବିରି, ଝୁଡଙ୍ଗ ଏବଂ କାନ୍ଦୁଲ ବଣ ପର୍ବତରେ ଚାଷ ପତ୍ର ବ୍ୟବହାର କରନ୍ତି । କୁଣ୍ଡାଧାନ, ସୁଆଁ, ମଣ୍ଡିଆ ପାହାଡମାନଙ୍କରେ ଚାଷ କରି ଖାଦ୍ୟ ରୂପେ ଗ୍ରହଣ କରନ୍ତି । ମାଣ୍ଡିଆକୁ ଘୁରୁଡ଼ରେ ଛୁରୀ ଗୁଣ୍ଡା କରି ପିଠା ଏବଂ ଚାଉଳ ସଂଗେ ସିଝାଇ ଭାତରେ ମିଶାଇ ପଖାଳ ଖାଆନ୍ତି ।

ଗାଁ ନିକଟରେ ପଣସ ଗଛ ଲଗାଇ ପଣସକଷି ଓ ମଞ୍ଜୟକୁ ତରକାରୀ ଭାବେ ବବ୍ୟାହର କରନ୍ତି । ସାରୁ, କନ୍ଦମୂଳ, ଖମ୍ବଆଳୁ ବରୀମାନଙ୍କରେ ଚାଷ କରି ଖାଦ୍ୟରୂପେ ଗ୍ରହଣ କରନ୍ତି । ପର୍ବତମାନଙ୍କରେ ଆମ୍ବତୋଟା ଦେଖାଯାଏ । ଗ୍ରୀଷ୍ମରତୁରେ ପ୍ରଚୁର ପରିମାଣରେ କଞ୍ଚା ଓ ପାଚିଲା ଆମ୍ବ ସଂଗ୍ରହ କରି ଖାଦ୍ୟରୂପେ ବ୍ୟବହାର କରିଥାନ୍ତି । ଗ୍ରୀଷ୍ମରତୁରେ ବଣରୁ ପାଚିଲା ଆମ୍ବ ମହିଳାମାନେ ପ୍ରତିଦିନ ସକାଳୁ ବଣକୁ ଯାଇ ସଂଗ୍ରହ କରି ସେଥିରୁ ଚମ୍ପେଇ ତିଆରି କରି ଶୁଖାଇ, ନିଜ ପାଇଁ ବର୍ଷସାରା ଆଚାର ରୂପେ ବ୍ୟବହାର କରନ୍ତି । ଖାଦ୍ୟ ଅଭାବ ସମୟରେ ଅମ୍ବଟାକୁରୁ କୋଇଲି ବାହାର କରି ସେ ସବୁ ଗୁଣ୍ଡକରି ଚାଉଳ ସଂଗେ ଟାକୁରୁ କୋଇଲି ବାହାର କରି ସେ ସବୁ ଗୁଣ୍ଡା କରି ଚାଉଳ ସଂଗେ ତାକୁ ଗୁଣ୍ଡଟାକ (ବିସା) ମିଶାଇ ସିଝାଇ ଖାଦ୍ୟ ରୂପେ ଗ୍ରହଣ କରିଥାନ୍ତି ।

ଖାଦ୍ୟ ଅନଟନ ବେଳେ କନ୍ଧମାନେ ବଣରୁ ବଣ କନ୍ଦା ଖୋଳି ଆଣି ସିଝାଇ ଖାଦ୍ୟରୂପେ ଗ୍ରହଣ କରନ୍ତି । ପର୍ବତର ପାଦ ଦେଶରେ ବହୁତ ମହୁଳ ଗଛ ଦେଖାଯାଏ । ଚୈତ୍ର-ବୈଶାଖ ମାସ ମଧ୍ୟରେ କନ୍ଧୁଣିମାନେ ସକାଳେ ବଣକୁ ଯାଇ ମହୁଳ ଫୁଲ ଟୋକେଇ ଟୋକେଇ ସଂଗ୍ରହ କରି ଆଣି ଘରେ ଶୁଖାଇ ରଖନ୍ତି । ମହୁଲ ମଞ୍ଜି (ଗରା) ସଂଗ୍ରହ କରି ସେଥିରୁ ତେଲ ବାହାର କରି ବର୍ଷଯାକ ବ୍ୟବହାର କରିଥାନ୍ତି । ଏ ଦୃଷ୍ଟିରୁ ଆମ୍ବ ଓ ମହୁଲ ଗଛ କନ୍ଧ ବା କୁଇ ସମାଜର ବଡ଼ ଉପକାରୀ ଗଛ ।



(କୋସଲା ସଂଗ୍ରହ ସମୟର ଫଟୋ ଚିତ୍ର)

### ଶାରୀରିକ ଗଠନ

କୁଟିଆ କନ୍ଧମାନଙ୍କର ଶାରୀରିକ ଗଠନ ଏପରି ଯେ ସେମାନେ ଅତି କଠିନ ପରିଶ୍ରମ କରିବାକୁ ସହିତ ସହ୍ୟକରିବାକୁ ଖୁବ ଉପଯୁକ୍ତ । ଏମାନେ ଅତି ବଳବାନ, ଦେହର ହାତ ଗୋଡ ଏବଂ ମାଂସପେଶୀ ଖୁବ ମଜବୁତ । ଚମଡା ଖୁବ ପରିଷ୍କାର ଏବଂ ଚକଚକିଆ, ରଙ୍ଗ ଗାଢ ତମ୍ବାଳିଆ, ଗୋଇଠି ଏବଂ ଗୋଡର ପଛଭାଗ ଏକ ରେଖାରେ ରହେ । ଗଳାର ହାଡ ଉଚ୍ଚ ଦେଖାଯାଏ, ନାକ ସାଧାରଣତଃ ଅଗ୍ରଭାଗ ଓସାରିଆ ଏବଂ କ୍ୱଚିତ୍ ବଙ୍କା । (୧)

### ସ୍ୱଭାବ

କୁଟିଆ କନ୍ଧମାନେ ଅତି ସରଳ ବିଶ୍ୱାସୀ ଓ କଠିନ ପରିଶ୍ରମୀ । ଯାହା କରିବାକୁ ଚାହାନ୍ତି ତାହା ଶେଷ ନହେବା ପର୍ଯନ୍ତ ଲାଗି ପଡିଥାନ୍ତି । ସେମାନେ ଜବାବକୁ କେବେ ଅମାନ୍ୟ କରନ୍ତି ନାହି । ସତ୍ୟକୁ ମାନି ଚଳନ୍ତି । ସେମାନେ ଅତିଥି ପରାୟଣ ଓ ସେବାକୁ ଅଗ୍ରାଧିକାର ଦେଇଥାନ୍ତି । ଶତ୍ରୁକୁ ପ୍ରତିଶୋଧ ନେବାକୁ ଛାଡନ୍ତୁ ନାହିଁ । କ୍ଷମା ମାଗିଲେ ଦୋଷୀକୁ କ୍ଷମା ଦେଇଥାନ୍ତି । ଶତ୍ରୁକୁ ପ୍ରତିଶୋଧ ନେବାକୁ ଛାଡ଼ନ୍ତି ନାହିଁ । କ୍ଷମା ମାଗିଲେ ଦୋଷୀକୁ କ୍ଷମା ଦେଇଥାନ୍ତି । (୨) ସବୁବେଳେ ଭଗବାନଙ୍କ ଉପରେ ନିର୍ଭର କରି କାର୍ଯ କରନ୍ତି । କୁଟିଆ କନ୍ଧମାନେ ମତି ମାକୁ ଭକ୍ତିରେ ପୂଜା କରନ୍ତି ।

### ବେଶ ପୋଷାକ

ଆଗ କାଳର କୁଟିଆକନ୍ଧ ପୁରୁଷମାନେ ଗାଜି (ମଜବୁତ କୌପୀନ) ପିନ୍ଧୁଥିଲେ । ଗାଜି କପଶୂଟରେ ବୁଣା, ଲମ୍ବା ୧୦ ଫୁଟ ଓ ଓସାର ୨ ଫୁଟ । ତାହାର ଦୁଇଧଡିରେ ନାନା ରଙ୍ଗର ପାଟ ଦାଗ ଥାଏ । ଏହା ପିନ୍ଧିଲା ବେଳେ ଆଗରେ ଓ ପଛରେ ସେ ଗାଜିର ଦୁଇ ମୁହଁ ଝୁଲୁଥାଏ । ଏମାନେ ବାଳକାଟୁ ନଥିଲେ କି କ୍ଷୋର ହେଉନଥିଲେ, ଲମ୍ବା ବଳକୁ କଣ ଓ କପାଳର ମଧ୍ୟଭାଗରେ ଗଣ୍ଠି ପକାଇ ରଖୁଥିଲେ । ବାଳର ଗଣ୍ଠି ବାମ ବା ଡାହାଣ ପାଖରେ ରାହୁଥିଲା । ଗଣ୍ଠିରେ ଲୁହ ବା ସମ୍ବର ଶିଙ୍ଗର ପାନିଆ ଖୋସୁଥିଲେ । ତା ସହିତ ଶାଲୁଆ ପତ୍ରର ପିକ ବ କାହାଳି ଗଣ୍ଠି ମଧ୍ୟରେ ଖୋସୀ ରଖୁଥିଲେ ।

କୁଟିଆକନ୍ଧ ମାନେ ଯୁଦ୍ଧପ୍ରିୟ ଥିଲେ । ପୁରୁଷମାନେ କଠିନ ପରିଶ୍ରମକୁ ପସନ୍ଦ କରୁଥିଲେ, ଏଣୁ ବିବାହ ବେଳେ ଝିଅମାନେ କର୍ମଠ ବରକୁ ଗ୍ରହଣ କରୁଥିଲେ । ଏହା ଟଙ୍କା ସମାଜର ପ୍ରଥା ଥିଲା ।

କନ୍ଧୁଣୀମାନେ ପୁରୁଷ ଅପେକ୍ଷା ଉଚ୍ଚତାରେ କମ ଏବଂ କିଞ୍ଚିତ ସୁନ୍ଦର । ସେମାନଙ୍କର ବ୍ୟବହାରରେ ଆକର୍ଷଣ ଥାଏ ଏବଂ ମନମୁଗ୍ଧକର ଭାବ ପ୍ରକାଶ କରନ୍ତି । କନ୍ଧୁଣୀମାନେ ଗର୍ଭାବସ୍ଥାରେ ଏବଂ ପ୍ରସୂତି ଘରେ ଯାବତୀୟ କାର୍ଯ୍ୟକରନ୍ତି । ଏଣୁ ସେମାନଙ୍କର ଯୌବନର ସୌନ୍ଦର୍ଯ୍ୟ ଅଳ୍ପ ବୟସରେ ମଧ୍ୟ ଉଭେଇ ଯାଏ ।

କନ୍ଧୁଣୀମାନଙ୍କର ବେଷପୋଷାକ ପରିଧାନ ସାଧାରଣତଃ ଅଣ୍ଟାଠାରୁ ଆଣ୍ଠୁ ପର୍ଯ୍ୟନ୍ତ ଏବଂ ଦେହ ଢାଙ୍କି ରଖିବାକୁ ଖଣ୍ଡେ ଛୋଟ ଚାଦର ଆବଶ୍ୟକ ହୁଏ । ଦେହର ସାମନା ଭାଗ ବା ଛାତି ଭାଗ ଅନେକ ସ୍ତ୍ରୀମାନେ ଲୁଗାରେ ନ ଢାଙ୍କି ଏକ ପ୍ରକାର ଘାସମାଳି ଗୋଛା (କୁଇରେ-ତାଣ୍ଡି ପଟେକା) ବେକରୁ ଅଣ୍ଟା ପର୍ଯ୍ୟନ୍ତ ପକାଇ ରଖୁଥିଲେ । ବିବାହ ବେଳେ କନ୍ଧୁଣୀମାନେ କାନର ତଳଭାଗ ଛିଦ୍ରକରି ଲୁହା, ରୁପ, ପିତଳ ବା ସୁନାର ମୁଦ୍ରିକା (କୁଇରେ-କିସେଡ଼ାକା) ପିନ୍ଧି ଶାଶୁଘରକୁ ଯାଆନ୍ତି । ଏହା ଯୋଗୁଁ କନ୍ଧୁଣୀ ସ୍ତ୍ରୀ ବିବାହିତା ବୋଲି ପରିଚିତ ହୁଅନ୍ତି । ବର୍ତ୍ତମାନ ବେଶ ପୋଷାକରେ ମଧ୍ୟ ଯଥେଷ୍ଟ ପରିବର୍ତ୍ତନ ଦେଖାଗଲାଣି । ଅନ୍ୟମାନଙ୍କ ପରି କନ୍ଧ ଆଦିବାସୀମାନେ ମଧ୍ୟ ପେଣ୍ଟ, ସାର୍ଟ, ଶାଢୀ ଓ ଫ୍ରକକୁ ବ୍ୟବହାର କରିବା ଆରମ୍ଭ କଲେଣି ।



(କୁଟିଆ କନ୍ଧଙ୍କ ବେଶଭୁଷା ଫଟୋ ଚିତ୍ର)

### ଗ୍ରାମ ସଭା

କଳାହାଣ୍ଡି ଜିଲ୍ଲାରେ ବହୁ ପୂର୍ବରୁ କୁଟିଆ ବସତି ବା ଗ୍ରାମରେ ଯେ କୌଣସି ବିଷୟରେ ଅଶାନ୍ତି ସୃଷ୍ଟି ହେଲେ ଗ୍ରାମର ମଙ୍ଗଳ ପାଇଁ ମୁଖିଆଙ୍କୁ ସଭାପତି ରୂପେ ମନୋନୀତ କରାଯାଇ ଜଣେ ଛାଟିଆକୁ ଖବର ନେବା ଆଣିବା କରିବା ପାଇଁ ହରିଜନ ଶ୍ରେଣୀର ଜଣକୁ ବଛା ଯାଉଥିଲା । ସେ ସଭାପତିଙ୍କ ନିର୍ଦ୍ଦେଶ ମାନି କାର୍ଯ୍ୟ କରୁଥିଲେ । କେତେକ ଅଞ୍ଚଳରେ ଗ୍ରାମ ସମସ୍ତଙ୍କ ସହଯୋଗରେ ଗାଁ ମୁଣ୍ଡରେ ବା ଗାଁ ମଝିରେ ସଭାଗୃହ ବା ମଣ୍ଡପ ଅଣ୍ଟେ ଉଚ୍ଚରେ ୧୦ ହାତ ଲମ୍ବ ଓସାର ବିଶିଷ୍ଟ ଚଟାଣରେ ଖମ୍ବ ପୋତି ଗୋଟିଏ ଚାଳ ଘର ତିଆରି କରି ସେଠାରେ ଜମା ହୋଇ ସଭା କାର୍ଯ୍ୟ ଚାଲଉଥିଲେ । ଏହି ସଭା ଗୃହରେ ପ୍ରବେଶ ଦ୍ୱାର ଗୋଟିଏ ମାତ୍ର ରଖୁଥିଲେ । ସଭାଗୃହର ଚଟାଣକୁ ଚତୁର୍ଦ୍ଦିଗରେ ମାଟିର କାନ୍ଥବାଡ଼ ପକାଇ ନିର୍ମାଣ କରାଯାଉଥିଲା ।

### ବିଚାର ପଦ୍ଧତି

ଯେ କୌଣସି ତଥା କଳିକଜିଆ, ଚୋରି ଡକାୟତି ଆଦି ଗ୍ରାମୀଣ ଆଭ୍ୟନ୍ତରୀଣ ସମସ୍ୟା ହେଲେ ଗ୍ରାମର ସଭାପତି ବା ମୁଖ୍ୟ ଜ୍ଞାନୀ ମାଧ୍ୟମରେ ତାହାର ସମାଧାନ ହେଉଥିଲା । ବାଦୀ, ପ୍ରତିବାଦୀ ବା ଅଭିଯୋଗକାରୀ ପ୍ରସ୍ତାବିତ ଅଭିଯୁକ୍ତଙ୍କୁ ଡକାଇ ସଭାପତି ନ୍ୟାୟ ନିଶାପ କରୁଥିଲେ । ଦୋଷୀକୁ ଦଣ୍ଡ ସ୍ୱରୂପ ଜୋରିମାନା ଆକାରରେ ଟଙ୍କା ମଗାଯାଉଥିଲା ।

ଆଗକାଳରେ ଦୋଷର ଗୁରୁତ୍ୱ ଅନୁଯାୟୀ ନିଆଁପାଣିରୁ ବାସନ୍ଦ, ଗ୍ରାମରୁ ବହିଷ୍କରଣ ଆଦି ନିଷ୍ପତି ନେବାଭଳି ପ୍ରଥା ମଧ୍ୟ ଥିଲା । ବିଚାର ବା ନ୍ୟାୟ ନିଶାପ କାର୍ଯ୍ୟ କନ୍ଧମାନେ ସାଧାରଣତଃ ପାହାନ୍ତିଆ ବା ସନ୍ଧ୍ୟା ସମୟରେ କରିଥାନ୍ତି ।



(ଗ୍ରାମସଭା ସମୟର ଫଟୋ ଚିତ୍ର)

### ଜନ୍ମ ସଂସ୍କାର

ଜନ୍ମ ମରଣରେ ଯେଉଁ ରୀତିନୀତି ରହିଛି, ତାହା କନ୍ଧ ସମାଜରେ ପାଳନ କରାଯାଉଛି । ଯେଉଁଘରେ ପ୍ରସୂତି ହୁଏ, ତାହା ଅପବିତ୍ର ହୋଇ ଅଛୁଆଁ ହୋଇ ରହେ । ସେ ଘରର ପାଣି ମଧ୍ୟ କେହି ସ୍ପର୍ଶ କରନ୍ତି ନାହିଁ । ପ୍ରସୂତି ସ୍ତ୍ରୀର ଶୁଦ୍ଧସ୍ନାନ ପରେ ସାମାଜିକ ପ୍ରଥାନୁସାରେ ଜନ୍ମର ଏକୋଇଶି ଦିନରେ ଘରକୁ ସଂସ୍କାର କରାଯାଏ । ସେ ଗ୍ରାମର ଗ୍ରାମଦେବୀ ବା ଧରଣୀ ପେନୁ ମଧ୍ୟ ଅପବିତ୍ର ହୋଇ ରହିଥାଏ । ଏକୋଇଶି ଦିନପରେ ପୂଜାକଙ୍କ ଦ୍ୱାରା ସଂସ୍କାର କରାଯାଏ । ଏହାର ଖର୍ଚ୍ଚ ପ୍ରସୂତିର ଗୃହକର୍ତ୍ତାକୁ ବହନ କରିବାକୁ ପଡ଼ିଥାଏ । ପୁଅ ଜନ୍ମ ହେଲେ କନ୍ଧ ସମାଜରେ ଗୃହକର୍ତ୍ତା ଦାଣ୍ଡରୁ ଚାଳ ଉପର ଦେଇ ବାରିପଟରୁ ଫିଙ୍ଗନ୍ତି । ଶିଶୁର ଜନ୍ମ ପରେ ପରେ ଶିଶୁର ମା' ନାଭିକାଟି ବାରିର କିଛି ଦୂରେ ମାଟିରେ ଗାତକରି ପୋତିଦିଏ । ଘରର ଅନ୍ୟ ସ୍ତ୍ରୀ ଲୋକମାନେ ମଧ୍ୟ ସହଯୋଗ କରନ୍ତି । ବାପା ଏକ ସପ୍ତାହ ପର୍ଯ୍ୟନ୍ତ ନିଜ ବାମ ହାତରେ କାଣି ଆଙ୍ଗୁଠିରେ ଖଜୁରୀ ପତ୍ରର ମୁଦ୍ରିକା ପିନ୍ଧି ଘରର ଯାବତୀୟ କାର୍ଯ୍ୟ କରନ୍ତି । ଖଜୁରୀ ମୁଦ୍ରିକା ପିନ୍ଧିଲେ କନ୍ଧମାନଙ୍କର ବିଶ୍ୱାସ ଯେ ଦିଅଁ ଦେବତାଙ୍କ ଦୃଷ୍ଟିରୁ ରକ୍ଷା ମିଳେ ।

ପ୍ରସୂତି ଦିନ ଶିଶୁର ମା' ଚେତା ପାଇ ନିଜେ ଗରମ ପାଣିରେ ସ୍ନାନ କରିସାରି ଶିଶୁର ଯତ୍ନ ନିଏ । ଶିଶୁକୁ ଅତି ସାବଧାନରେ ଉଠାଇ କଞ୍ଚା ହଳଦୀ ମିଶା ଗରମ ପାଣିରେ ଗାଧୋଇ ସର୍ବାଙ୍ଗ କଞ୍ଚା ମିଶା ତେଲ ମାଲିସ କରି କାନ ଦୁଇଟିକୁ ଫୁଙ୍କି କୋଳକୁ ନେଇ ଚୁଲିମୁଣ୍ଡ ନିଆଁରେ ସେକାସେକି କରିଥାଏ । ଶିଶୁକୁ କ୍ଷୀରପାନ କରାଇ ନିଜେ ହାତରେ ନଖାଇ ଚାମଚରେ ଅନ୍ନ ଗ୍ରହଣ କରିଥାଏ । ପ୍ରଥମ ସାତ ଦିନରେ ନିଜର ଲୁଗାପଟା ପାଉଁଶରେ ସିଝାଇ ସଫା କରେ, ଏକୋଇଶି ଦିନ ପୂର୍ବରୁ ମା'

ଘରର ଚଟାଣ ନୂଆ ମାଟିରେ ଚିକ୍କଣ ପଥରରେ ଘରକୁ ଘଷି ସଫାକରି ଲୁଗାପଟା ମଧ୍ୟ ସଫା କରେ ।

ଏକୋଇଶିଆ ପର୍ବ ପାଳନ କରିବାକୁ ବାପା ନିଜର ବନ୍ଧୁବର୍ଗଙ୍କୁ ନିମନ୍ତ୍ରଣ କରନ୍ତି । ଏକୋଇଶି ଦିନରେ ଘରର ସମସ୍ତ ନିତ୍ୟକର୍ମ ସାରି ନୂଆ ବସ୍ତ୍ର ଧାରଣ ପୂର୍ବକ ଦାଣ୍ଡକୁ ବାହାରି ଶିଶୁକୁ ଗାଧୋଇ ଦେଇ ଘରକୁ ଯାଇ ଜଣେ ବୟସ୍କ ଲୋକଙ୍କ ଦ୍ୱାରା ମନ୍ତ୍ର ଉଚ୍ଚାରଣ ପୂର୍ବକ ମା' ଓ ଶିଶୁ ଉଭୟଙ୍କୁ ଆଶୀର୍ବାଦ କରିଥାନ୍ତି ।

### ବିବାହ

ବିବାହର ପୂର୍ବଦିନ ପୁଅଘରେ ଝିଅ ଘରକୁ ନିଜ ଏକ ବନ୍ଧୁ ହାତରେ ଚାଉଳ, ଡାଲି, ମସଲା, ଛେଳି, ପରଲା ବିଛନ ଓ ସାନଖଣ୍ଡ ହଳଦୀ ପଠାଇଥାନ୍ତି । ଯେଉଁ ଛେଳିକୁ ପୁଅପରେ ଝିଅଘରକୁ ପଠାନ୍ତି ତାକୁ 'ପୋରବୁକା' କୁହାଯାଏ । ଯେଉଁ ସାତ ଖଣ୍ଡ ହଳଦୀ ଝିଅ ଘରକୁ ପଠାଯାଏ । ସେଇ ହଳଦୀ ଝିଅଘର ବେଦୀର 'ଶୋଭାଖୁଟା'(ଶୁଭ ଖମ୍ବ)ରେ ବନ୍ଧାଯାଏ । (୪) ବିବାହରେ ଏମାନେ ସାଧାରଣତଃ କନ୍ୟା ପାତ୍ରୀର ନିଷ୍ପତ୍ତିକୁ ବେଶି ଗୁରୁତ୍ୱ ଦେଇଥାନ୍ତି । ଯୌତୁକ ଅପେକ୍ଷା କନ୍ୟାସୁନା କୁଟିଆ କନ୍ଧମାନଙ୍କର ସାମାଜିରେ ବେଶି ଦେଖିବାକୁ ମିଳିଥାଏ । ଏମାନଙ୍କ



(ବିବାହ ସମୟର ଫଟୋ ଚିତ୍ର)

ସମାଜରେ ବିଭିନ୍ନ ପ୍ରକାର ବିବାହ ଦେଖିବାକୁ ମିଳିଥାଏ । ପୁଅ ଝିଅର ପ୍ରେମ ବିବାହ, ପୁଅର ଇଚ୍ଛା ଝିଅର ଅନିଚ୍ଛାରେ ପୁଅ ଜବରଦସ୍ତି ଝିଅକୁ ଧରି ଆଣିବା, ପୁଅର ଅନିଚ୍ଛା ଓ ଝିଅର ଇଚ୍ଛାରେ ଝିଅ ଜବରଦସ୍ତି ପୁଅ ଘରକୁ ଚାଲି ଆସିବା, ପୁରୁଷ ଓ ନାରୀ ଉଭୟ କ୍ଷେତ୍ରରେ ବହୁ ବିବାହ, ବିଧବା ବିବାହ ଆଦି ଅନେକ ପ୍ରକାର ବିବାହ ଦେଖିବାକୁ ମିଳିଥାଏ । କୌଣସି କ୍ଷେତ୍ରରେ ପୁଅ ଝିଅ ପରସ୍ପର ପ୍ରେମ କରୁଥିଲେ ଏବଂ ପରିବାରର ସ୍ୱୀକାର ନଥିଲେ ପଳାଇବା ଭଳି ପରମ୍ପରା ମଧ୍ୟ ସମାଜ ଦୃଷ୍ଟିରୁ ଗ୍ରହଣୀୟ ହୋଇଥାଏ । (୫)

ବିବାହ ଅପେକ୍ଷା ନିର୍ବନ୍ଧକୁ ଏମାନେ ବେଶି ଗୁରୁତ୍ୱ ଦେଇଥାନ୍ତି । ଏହି ଦିନକୁ ହିଁ ଏମାନେ ବିବାହ ଉତ୍ସବ ଭଳି ବଡ଼ ଆଡ଼ମ୍ବର ସହିତ ପାଳନ କରିଥାନ୍ତି । ବିବାହର ପ୍ରାୟ ସମସ୍ତ ଖର୍ଚ୍ଚ ବର ପାତ୍ର ପକ୍ଷରୁ କରାଯାଇଥାଏ ।



(ବିଚାର ବିମର୍ଶ କରୁଥିବାର ସମୟର ଫଟୋ ଚିତ୍ର)

### ମୃତ୍ୟୁ ସଂସ୍କାର

କୁଟିଆ କନ୍ଧ ବସତିରେ ଯେକୌଣସି ଲୋକର ମୃତ୍ୟୁ ହେଲେ ସମସ୍ତ ଗ୍ରାମବାସୀ ଶୋକ ପାଳନ କରିଥାନ୍ତି । ଗ୍ରାମବାସୀଙ୍କ ସାହାଯ୍ୟ ସହଯୋଗରେ ଶବଦାହ କରାଯାଏ । ବାପା ମା'ଙ୍କ ମୃତ୍ୟୁରେ ବଡ଼ ପୁଅ ମୁଖାଗ୍ନି ଦିଅନ୍ତି । ଶବକୁ ଆବାଳ ବୃଦ୍ଧ ସମସ୍ତେ ଗଭୀର ଦୁଃଖ ମନରେ ନେଇ ଦାହ କରିବା ପୂର୍ବରୁ ଚିତାର ଚତୁର୍ଦ୍ଦିଗରେ ତିନିଥର ଇଷ୍ଟଦେବଙ୍କୁ ସ୍ମରଣ କରି ପରିକ୍ରମା କରାଇଥାନ୍ତି । ଶେଷରେ ମୃତ ବ୍ୟକ୍ତିର ଆତ୍ମାର ସଦଗତି ପାଇଁ ଭଗବାନଙ୍କୁ ସମସ୍ତେ ଠିଆ ହୋଇ ପ୍ରାର୍ଥନା କରିଥାନ୍ତି । (୬) ଶବକୁ ମଶାଣିକୁ ନେବା ପୂର୍ବରୁ ଓଦା କନାରେ ପୋଛା ପୋଛି କରି ତେଲ ମାଲିସ କରି ନୂତନ ବସ୍ତ୍ର ପିନ୍ଧାଇ ନିଆଯାଇଥାଏ । ଶବଦାହ କରି ସମସ୍ତେ ନିକଟସ୍ଥ ନାଳରେ ବା ନଦୀରେ ଗାଧୋଇ ଓଦା ବସ୍ତ୍ରରେ ସାମାଜିକ ବିଧି ଅନୁସାରେ ମନ୍ତ୍ର ଉଚ୍ଚାରଣ ପୂର୍ବକ ସମସ୍ତେ ହାତ ପାପୁଲିରେ ଦୂବଘାସ ଧରି ମୃତ ଆତ୍ମାର ସଦଗତି କାମନା କରିଥାନ୍ତି । (୭)

ମୃତ୍ୟୁର ଦୁଇଦିନ ପରେ ଗାଁ ମୁଣ୍ଡରେ ଗାଁର ମୁଖିଆମାନେ ବସି ବନ୍ଧୁବର୍ଗଙ୍କୁ ଶୋକ ଦିବସ (ମାଡ଼ା/ଦଶାହ)ରେ ଯୋଗ ଦେବାକୁ ସନ୍ଦେଶ ପଠାଇଥାନ୍ତି । ତୃତୀୟ ଦିନରେ ତେଲ କର୍ମ କରିଥାନ୍ତି । ମରଣର ଚାରି ଦିନରେ ଶୋକ ଦିବସ ପାଳନ କରାଯାଏ । ସେଦିନ ବନ୍ଧୁବର୍ଗ ଆସି ସମବେଦନା ପ୍ରକଟ କରିଥାନ୍ତି । କନ୍ଧମାନଙ୍କର ଶୋକ ଦିବସରେ ଏପରି ଏକ ବାଦ୍ୟଯନ୍ତ୍ର ବ୍ୟବହାର କରାଯାଏ, ଯାହାକି ସମସ୍ତଙ୍କୁ ଶୋକାକୁଳ କରିଦିଏ । ସାମାଜିକ ନିୟମ ଅନୁସାରେ ଶୁଦ୍ଧିକ୍ରିୟା(ପିଦର) ପଞ୍ଚମ ଦିନରେ କରାଯାଏ । ଦଶମ ଦିନ ସାମାଜିକ ଭୋଜି କରାଯାଏ । ଏଗାର ଦିନ ଡୁମା ବା ପ୍ରେତ ଅଣାଯାଏ । (୮)

### ଉପସଂହାର

ଆଦିମ ପରମ୍ପରା ଓ ସଂସ୍କୃତିର ରକ୍ଷଣଶୀଳ ସାରଥି ଭାବେ ପରିଚିତ କୁଟିଆ କନ୍ଧ ଜନଜାତି ଏବେ ମଧ୍ୟ ନିଜସ୍ୱ ପାରମ୍ପରିକ ଜୀବନଚର୍ଯ୍ୟାକୁ ଅନୁଧ୍ୟାନ କଲେ ମାନବିକ ସଭ୍ୟତାର ଆଦିମ ଓ ନୃତାତ୍ତ୍ୱିକ ଜୀବନଧାରା ଏବଂ ପାରମ୍ପରିକ ଐତିହ୍ୟର ଅନେକ ତଥ୍ୟ ମିଳିଥାଏ । କ୍ରମଶଃ ମୁଖ୍ୟ ସ୍ରୋତରେ ସାମିଲ ହୋଇ ଚାଲିଥିବା ଏହି କୁଟିଆ କନ୍ଧ ଜନଜାତିର ଯୁବବର୍ଗ କ୍ରମଶଃ ନିଜସ୍ୱ ସଂସ୍କୃତି, ପରମ୍ପରା, ରୀତିନୀତି, ପ୍ରଥା, ଚାଲିଚଳଣୀ, ଖାଦ୍ୟବ୍ୟବସ୍ଥା ପ୍ରତି ଅନାଗ୍ରହ ପ୍ରକାଶ କରୁଥିବା ପରିଲକ୍ଷିତ

ହେଉଛି । ଏମାନଙ୍କର ସାମଗ୍ରୀକ ଜୀବନଚର୍ଯ୍ୟାର ପ୍ରତିଟି ବିଭାବକୁ ଯଦି ସଂରକ୍ଷଣ କରାନଯାଏ ତା' ହେଲେ ଆଗାମୀ ସମୟରେ ନବ୍ୟ ଆଧୁନିକ ଶିକ୍ଷିତ ସମାଜ ଏକ ପ୍ରାଚୁର୍ଯ୍ୟମୟ ମାନବ ସମ୍ବଳକୁ ହରାଇବ, ଏହା ନିଃସନ୍ଦେହ ।

## ସହାୟକ ଗ୍ରନ୍ଥସୂଚୀ

୧. ପୂର୍ବଘାଟ ପର୍ବତମାଳା ଅନ୍ତର୍ଗତ ଓଡ଼ିଶାର ଆଦିବାସୀ, ମୁଣ୍ଡ ପରମେଶ୍ୱର, ସ୍ମରଣୀକା-୨୦୧୨, ମହାବୀର ସାଂସ୍କୃତିକ ଅନୁଷ୍ଠାନ, ଭବାନୀପାଟଣା । ପୃ-୮

୨. ଓଡ଼ିଶାର ଭୂଗୋଳ, ବି.ଏନ୍. ସିଂହ, ହେମନ୍ତ କୁମାର ଦାସ, ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ, ଇଣ୍ଡିଆ ୨୦୦୭ । ପୃ-୪୭

୩. ଓଡ଼ିଶାର ଆଦିବାସୀ ସଂସ୍କୃତି, ସଞ୍ଜୟ କୁମାର ବାଗ, ବ୍ଲାକ୍ ଇଗଲ ବୁକ୍ସ, ୨୦୧୯ । ପୃ-୧୧୭

୪. ନବରଙ୍ଗପୁର, ଆଦିବାସୀ ଲୋକ ସାହିତ୍ୟ ଓ ସାଂସ୍କୃତିକ ପରମ୍ପରା, ପକ୍ଷୀଘର ପ୍ରକାଶନୀ, ବିଡ଼ିକା । ସାଇମନ ୨୦୨୨, ପୃ-୨୦୭

୫. କଳାହାଣ୍ଡିର ଲୋକ ସଂସ୍କୃତି, ଡ଼. ମହେନ୍ଦ୍ର କୁମାର ମିଶ୍ର, ଫ୍ରେଣ୍ଡ ପବ୍ଲିଶର୍ସ, ବିନୋଦ ବିହାରୀ କଟକ, ୧୯୯୬ । ପୃ-୮୬

୬. ଓଡ଼ିଶାର ଜନଜାତି, ସମାଜ, ସଂସ୍କୃତି ଭାଷା ଓ ଉନ୍ନୟନ, ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ପୁସ୍ତକ ଭବନ, ଭୁବନେଶ୍ୱର ୨୦୦୮, ପୃ-୯୨

୮. କଳାହାଣ୍ଡିର ଆଦିବାସୀ, ମୁଣ୍ଡ ପରମେଶ୍ୱର, କଳାହାଣ୍ଡି ଏକ୍ସପ୍ରେସ, ଜୁନ-୨୦୧୦, ପୃ-୩

୯. କୁଇ ଲୋକ ସାହିତ୍ୟ ଓ ସଂସ୍କୃତି, ରଥ ରଘୁନାଥ, ତାରାତାରିଣୀ ବୁକ୍ ଷ୍ଟୋର, ବାଲୁବଜାର, କଟକ-୨, ୨୦୧୭ , ପୃ-୩୭